E-mail

# ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର

## ଟ୍ରେଜେରୀ ଓ ଆକାଉଣ୍ଟସ ଭବନ, ୟୁନିଟ୍- ୩,

## ଖାରବେଳ ନଗର, ଭୁବନେଶ୍ୱର

***********

ନଥି ସଂଖ୍ୟା....1408............ ତା....7/2/15..........

File No. DIR-LFA5-AUDIT-58-2013

ପ୍ରାପକ

ସମସ୍ତ ଜିଲ୍ଲା ସମୀକ୍ଷା ଅଧିକାରୀ,

ସ୍ଥାନୀୟ ପାଣ୍ଠି ସମୀକ୍ଷା , ଓଡିଶା ।

ବିଷୟ- କମ୍ପ୍ୟୁଟର ମାଧ୍ୟମରେ ଗ୍ରାମପଞ୍ଚାୟତ ସମୀକ୍ଷା ବିବରଣୀ ପ୍ରସ୍ତୁତି ସମ୍ବନ୍ଧରେ ।

ମହାଶୟ/ ମହାଶୟା,

ଉପରୋକ୍ତ ବିଷୟପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଗ୍ରାମପଞ୍ଚାୟତର ସମୀକ୍ଷା ବିବରଣୀ କମ୍ପ୍ୟୁଟର ମାଧ୍ୟମରେ ପ୍ରସ୍ତୁତିକୁ ସହଜ କରିବା ନିମନ୍ତେ କେତେକ ପରିବର୍ତ୍ତନ ହୋଇଛି । ଏହାକୁ ଉପଯୋଗ କରିବା ନିମନ୍ତେ ନିମ୍ନୋକ୍ତ ପ୍ରଣାଳୀ ଅବଲମ୍ବନ କରିବାପାଇଁ ଆପଣଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବେ ।

ଗ୍ରାମପଞ୍ଚାୟତର ସମୀକ୍ଷା ବିବରଣୀ ପାଞ୍ଚଗୋଟି ପରିଚ୍ଛେଦ ଓ ଚାରିଗୋଟି ପରିଶିଷ୍ଟରେ ସୀମିତ । ଏହାକୁ ଲଘୁ କରିବା ନିମନ୍ତେ ଓ ବାରମ୍ବାର କ୍ଲିକ କରିବାରୁ ନିବୃତ୍ତ ରହିବାପାଇଁ ତିନୋଟି ବିଭାଗ ଥିବା ଡାଇଲଗ ବକ୍ସ ପ୍ରସ୍ତୁତ କରାଯାଇଛି ।

ଉକ୍ତ ଡାଇଲଗ ବକ୍ସକୁ ଯିବା ପୂର୍ବରୁ ନିମ୍ନୋକ୍ତ ପ୍ରଣାଳୀକୁ ଅବଲମ୍ବନ କରିବାକୁ ହେବ ।

୧- ପ୍ରଥମେ ସମୀକ୍ଷକଙ୍କୁ " ଅଡିଟ ରିପୋର୍ଟ ମ୍ୟାନେଜମେଣ୍ଟ" ରେ କ୍ଲିକ କରିବାକୁ ହେବ ।

୨- ତାପରେ " ସିଲେକ୍ଟ ପ୍ଲାନ (୨୦୧୩-୧୪) " ବାଛିବାକୁ ହେବ ।

୩- ପରବର୍ତ୍ତୀ ପର୍ଯ୍ୟାୟରେ "ମ୍ୟାନେଜ ଜିପି "ରେ କ୍ଲିକ କଲେ ନିମ୍ନୋକ୍ତ ଡାଇଲଗ ବକ୍ସ ଉପଲବ୍ଧ ହେବ ।

| Slno | Paragraph Name | Saved | Add |
|---|---|---|---|
| 1 | ପରିଚ୍ଛେଦ | | |
| 2 | ତ୍ରୁଟି ବିବରଣୀ | | |
| 3 | ପରିଶିଷ୍ଟ | | |

P.T.O.

**ପରିଚ୍ଛେଦ :-** ଏଥିରେ ପ୍ରଥମରୁ ଚତୁର୍ଥ ପର୍ଯ୍ୟନ୍ତ ଚାରିଗୋଟି ପରିଚ୍ଛେଦର ଫର୍ମାଟ ଉପଲବ୍ଧ ହେବ ।

**ତ୍ରୁଟି ବିବରଣୀ :-** ଏଥିରେ ସମୀକ୍ଷା ତ୍ରୁଟି ସମ୍ବନ୍ଧରେ ଆଲୋଚନା (ପଞ୍ଚମ ପରିଚ୍ଛେଦର ତଥ୍ୟ) ଓ ଅଧିଭାର ବାବଦରେ ଉଲ୍ଲେଖ ନିମନ୍ତେ ଫର୍ମାଟ ଉପଲବ୍ଧ ହେବ ।

**ପରିଶିଷ୍ଟ :-** ଏଥିରେ ପ୍ରଥମରୁ ଚତୁର୍ଥ ପର୍ଯ୍ୟନ୍ତ ଚାରିଗୋଟି ପରିଚ୍ଛେଦର ଫର୍ମାଟ ଉପଲବ୍ଧ ହେବ ।

ଏଣୁ ସମୀକ୍ଷକ ଉପରୋକ୍ତ ତିନିଗୋଟି ବିଭାଗ ମଧ୍ୟରୁ ଆବଶ୍ୟକତା ଅନୁଯାୟୀ " ପେଜ ଫର୍ମାଟ" ରେ କ୍ଲିକ କରିବା ପରେ ଓଡିଆ ଭାଷାକୁ ବାଛି ଏହାକୁ ନକଲ କରିବେ । ନୂତନ ଭାବେ ପ୍ରଚଳିତ ବ୍ୟବସ୍ଥା ପ୍ରକାରେ "**ପରିଚ୍ଛେଦ**" ମଧ୍ୟରେ ପ୍ରଥମ ପରିଚ୍ଛେଦରୁ ଚତୁର୍ଥ ପରିଚ୍ଛେଦ ପର୍ଯ୍ୟନ୍ତ ତଥ୍ୟ ଉଲ୍ଲେଖ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା ଉଲ୍ଲେଖ ହୋଇ ନଥିବାରୁ ସମୀକ୍ଷକମାନେ ପରିଚ୍ଛେଦ ରେ ତଥ୍ୟ ପ୍ରଦାନ ବେଳେ ପ୍ରଥମ ପରିଚ୍ଛେଦ, ଦ୍ୱିତୀୟ ପରିଚ୍ଛେଦ, ତୃତୀୟ ପରିଚ୍ଛେଦ, ଚତୁର୍ଥ ପରିଚ୍ଛେଦ ଉଲ୍ଲେଖ କରି ତତ୍ ସଂକ୍ରାନ୍ତୀୟ ତଥ୍ୟ ଲେଖିବେ । ସେହିପରି ସମୀକ୍ଷକ ମାନେ "**ପରିଶିଷ୍ଟ**" ମଧ୍ୟରେ ପ୍ରଥମ ପରିଶିଷ୍ଟ, ଦ୍ୱିତୀୟ ପରିଶିଷ୍ଟ, ତୃତୀୟ ପରିଶିଷ୍ଟ, ଚତୁର୍ଥ ପରିଶିଷ୍ଟ ଉଲ୍ଲେଖ କରି ତତ୍ ସଂକ୍ରାନ୍ତୀୟ ତଥ୍ୟ ଲେଖିବେ ।

ଆପଣଙ୍କ ବିଶ୍ୱସ୍ତ,

ସହାୟକ ପାଣ୍ଠି ପରୀକ୍ଷକ ତଥା ସହାୟକ ନିର୍ଦ୍ଦେଶକ
ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟ

ପରିପତ୍ର ସଂଖ୍ୟା......1509.......... ତା......7/2/15......

ଏହାର ଏକକିତା ନକଲ କାର୍ଯ୍ୟକ୍ରମ ସମନ୍ୱୟ ଉପବିଭାଗ, ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟ/ବୈଷୟିକ ନିର୍ଦ୍ଦେଶିକା, ଜାତୀୟ ସୂଚନା କେନ୍ଦ୍ର, ରାଜ୍ୟ ସଚିବାଳୟ ଙ୍କ ଅବଗତି ନିମନ୍ତେ ତାଙ୍କର ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ସହାୟକ ପାଣ୍ଠି ପରୀକ୍ଷକ ତଥା ସହାୟକ ନିର୍ଦ୍ଦେଶକ
ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟ